### ଟ୍ରକ୍ ଧକ୍କାରେ ଜଣେ ମୃତ

**ନୟାଗଡ ଅଫିସ୍:** ନୟାଗଡ଼ ଖଣ୍ଡପଡା ରାସ୍ତାର ବାଲୁଗାଁ ଡାହୁକା ପୋଲ ନିକଟରେ ଟ୍ରକ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟିଛି । ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମୃତକ ହେଲେ ପଞ୍ଚୁ ସେଠୀ(୪୦) । ଘର କ୍ରୀଡାଶପୁର । ଆହତଙ୍କ ନାମ ଜଣା ପଡି ନ ଥିଲେ ମଧ୍ୟ ତାଙ୍କ ଘର ଶରଧାପୁର ଅଞ୍ଚଳରେ ବୋଲି ପୋଲିସ କହିଛି । ପୋଲିସ ତଦନ୍ତ ଆରମ୍ଭ କରିଛି। ପଞ୍ଚୁଙ୍କ ମୃତଦେହ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଛି । ପଞ୍ଚୁ ଓ ଶରଧାପୁରର ସମ୍ପୃକ୍ତ ବ୍ୟକ୍ତି ସାଇକେଲରେ ଘରକୁ ଫେରୁଥିଲେ । ପଛରୁ ଆସୁଥିବା ଏକ ଟ୍ରକ ସେମାନଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା । ଖେତପଡା ନିକଟରେ ଟ୍ରକକୁ ଛାଡି ଚାଳକ ଫେରାର ହୋଇଯାଇଥିବା ଜଣାପଡିଛି ।

## ସଂକ୍ଷେପରେ

### ଢିଅସାହି ଗ୍ରାମ୍ୟ ବ୍ୟାଙ୍କରୁ ଡକାୟତି ଉଦ୍ୟମ

**ଜଗତସିଂହପୁର ଅଫିସ, ୨୮।୧:** ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ ଢିଅସାହିସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରୁ ବୁଧବାର ରାତିରେ ଡକାୟତି ଉଦ୍ୟମ ହୋଇଛି। ତେବେ ସେମାନେ ଷ୍ଟ୍ରଙ୍ଗରୁମ୍ ଭାଙ୍ଗିବାରେ ବିଫଳ ହୋଇଛନ୍ତି। ଏନେଇ ଶାଖା ପରିଚାଳକ ସତ୍ୟେନ୍ଦ୍ର କୁମାର ସାହୁଙ୍କ ଅଭିଯୋଗକ୍ରମେ ମାମଲା (ନଂ.୩୩/୨୧) ରୁଜୁ ହୋଇଛି। ସାହୁଙ୍କ ଅଭିଯୋଗ ଅନୁଯାୟୀ, ବ୍ୟାଙ୍କ ବୁଧବାର ସନ୍ଧ୍ୟାରେ ବନ୍ଦ ହୋଇଥିଲା। ଗୁରୁବାର ସକାଳେ ସ୍ଥାନୀୟ ବ୍ୟକ୍ତିଙ୍କଠାରୁ ବ୍ୟାଙ୍କ ଶାଖାରେ ନିଆଁ ଲାଗିଥିବା ସୂଚନା ପାଇ ସାହୁ ଓ ସହକାରୀ ପରିଚାଳକ ବିଜୟ କୁମାର ନାୟକ ସେଠାରେ ପହଞ୍ଚିଥିଲେ। ସେତେବେଳେ ଶାଖା ଭିତରୁ ଧୂଆଁ ବାହାରୁଥିଲା। ପରେ ଶାଖା ଗୃହର ସମସ୍ତ ତାଲା କଟାଯାଇଥିବା ଜଣାପଡ଼ିଥିଲା। ଏନେଇ ତୁରନ୍ତ ଅଗ୍ନିଶମ ବାହିନୀ ଓ ପୋଲିସରେ ଖବର ଦିଆଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଉଭୟ ସାହୁ ଓ ନାୟକ ଶାଖା ଭିତରେ ପ୍ରବେଶ କଲାପରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ଯାଇଥିବା ଜଣାପଡ଼ିଥିଲା। ପୋଲିସର ପ୍ରାଥମିକ ତଦନ୍ତ ଅନୁଯାୟୀ, ଦୁର୍ବୃତ୍ତମାନେ ପ୍ରଥମେ ଧାରୁଆ କଟରରେ ତାଲା କାଟି ଦୁଆର ମୁହଁ ଖୋଲିଥିଲେ। ଏହାପରେ ଷ୍ଟ୍ରଙ୍ଗ ରୁମ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। କିନ୍ତୁ ସୁରକ୍ଷା ଆଲାର୍ମ ବାଜିବା ସହ ଧୂଆଁ ବାହାରିବାରୁ ସେମାନେ ଖସି ଚାଲିଯାଇଥିଲେ। ଏଥିସହ ଗୁରୁତ୍ୱପୂର୍ଣ୍ଣ କାଗଜଗୁଡ଼ିକରେ ନିଆଁ ଲଗେଇ ଦେଇଥିଲେ। ତଦନ୍ତ ସମୟରେ ଶାଖା ପରିସରରୁ ଗୋଟିଏ ସ୍କ୍ରୁ ଡ୍ରାଇଭର, ଗୋଟିଏ ବ୍ୟାଗ୍ ଏବଂ ୪ ଭଙ୍ଗାଯାଇଥିବା ଲକ୍ ଜବତ କରାଯାଇଛି।

### ଫେବୃୟାରୀ ୨୬ରେ ଲୋକାୟୁକ୍ତରେ ଶୁଣାଣି

ମହିଳା ମହାବିଦ୍ୟାଳୟରେ ଅନିୟମିତତା ମାମଲା

**କେନ୍ଦ୍ରାପଡା ଅଫିସ,୨୮।୧:** କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ମହିଳା ମହାବିଦ୍ୟାଳୟ କର୍ମଚାରୀ ନିଯୁକ୍ତିରେ ଅନିୟମିତତା ହୋଇଛି । ଆସନ୍ତା ଫେବୃୟାରୀ ୨୬ରେ ପରବର୍ତ୍ତୀ ଶୁଣାଣି ହେବ ବୋଲି ତାରିଖ ଧାର୍ଯ୍ୟ ହୋଇଛି । ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି ଓ ରାଧାକାନ୍ତ ମହାନ୍ତି ୨୦୧୯ରେ ଲୋକାୟୁକ୍ତରେ ଏ ନେଇ ଅଭିଯୋଗ କରିଥିଲେ । ସେମାଙ୍କ ଅଭିଯୋଗକୁ ଭିତ୍ତି କରି ୧୦୯୫/ ୧୯ରେ ମାମଲା ରୁଜୁ ସହ ଲୋକାୟୁକ୍ତଙ୍କ ପକ୍ଷରୁ କଲେଜରେ ତଦନ୍ତ ହୋଇଥିଲା । ଏହି ତଦନ୍ତ ରିପୋର୍ଟ ମିଳିବା ପରେ ଗତ ୨୨ ତାରିଖରେ ଏହାର ପ୍ରାଥମିକ ଶୁଣାଣି ହୋଇଛି । ଏନେଇ ଲୋକାୟୁକ୍ତଙ୍କ ପକ୍ଷରୁ ତତ୍କାଳୀନ ଅଧ୍ୟକ୍ଷ, ଉଚ୍ଚ ଶିକ୍ଷା ବିଭାଗକୁ ନୋଟିସ ଜାରି ସହିତ ସମସ୍ତ ରେକର୍ଡପତ୍ର ନିଜ ହେପାଜତରେ ରଖିବାକୁ କଲେଜ ପରିଚାଳନା ସମିତିର ସଭାପତି ତଥା ଅତିରିକ୍ତ ଜିଲପାଳ ବସନ୍ତ କୁମାର ରାଉତ ଏବଂ ସମ୍ପାଦକ ତଥା କଲେଜ ଅଧ୍ୟକ୍ଷ ଅଜୟ ନାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

### ଜିଲାପାଳଙ୍କ ମାତୃ ବିୟୋଗ



**ଜଗତ୍‌ସିଂହପୁର ଅଫିସ, ୨୮।୧ :** ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ମା' କୋକିଳା ମହାପାତ୍ର(୮୫)ଙ୍କ ବୁଧବାର ରାତିରେ ମୃତ୍ୟୁ ଘଟିଛି। ସେ ଭୁବେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିଲେ। କିଛିଦିନ ତଳେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ପ୍ରଥମେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା।

### ପୂଜାପଣ୍ଡା ନିଯୋଗର ବାର୍ଷିକ ଉତ୍ସବ

**କେନ୍ଦ୍ରାପଡା ଅଫିସ,୨୮।୧:** କେନ୍ଦ୍ରାପଡା ସହରର ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉ ପୂଜାପଣ୍ଡା ନିଯୋଗର ପ୍ରଥମ ବାର୍ଷିକଉତ୍ସବ ରଥଦାଣ୍ଡସ୍ଥିତ ଯାତ୍ରୀ ନିବାସରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସଭାପତି ନୃସିଂହ ଚରଣ ପତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ କ୍ରିୟାଯୋଗୀ ସ୍ୱାମୀ ଅର୍ନିବାଣ ନନ୍ଦଗିରି ମହାରାଜ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜଗନ୍ନାଥ ସଂସ୍କୃତିର ବ୍ୟାପକତା ସମ୍ପର୍କରେ ଆଲୋକପାତ ସହ ଶ୍ରୀବଳଦେବଜୀଉଙ୍କ ପୂଜା ବିଧିବିଧାନଗୁଡିକ ବିଜ୍ଞାନ ସମ୍ମତ ବୋଲି ପ୍ରକାଶ କରିଥିଲେ । ସମ୍ପାଦକ ନିରଞ୍ଜନ କର ଉତ୍ସବ ପ୍ରାରମ୍ଭରେ ନିଯୋଗ ସମ୍ପର୍କରେ ସମ୍ୟକ ତଥ୍ୟ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଞ୍ଜୟ କୁମାର ପତ୍ର, ଗୀତିକାନ୍ତ ପତ୍ରୀ, କ୍ଷୀତିଶ କୁମାର କର, ଧର୍ମଦର୍ଶୀ କର ପ୍ରମୁଖ ପରିଚାଳନା କରିଥିଲେ ।

# ସମନ୍ୱୟ ଅଭାବ, ପଛରେ ପଡ଼ିଛି ବିକାଶ

## ଆଗକୁ ପୌର, ପଞ୍ଚାୟତ ନିର୍ବାଚନ

**କେନ୍ଦ୍ରାପଡ଼ା ଅଫିସ,୨୮।୧**

୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଇତିମଧ୍ୟରେ ୪ ବର୍ଷ ପୂରଣ ହୋଇଛି । ୨୦୨୨ରେ ଏହି ନିର୍ବାଚନ ଅନୁଷ୍ଠିତ ହେବା ପାଇଁ ସଜବାଜ ଚାଲିଛି। ହେଲେ କେନ୍ଦ୍ରାପଡ଼ା ଜିଲାର କେନ୍ଦ୍ରାପଡ଼ା ଓ ପଟ୍ଟାମୁଣ୍ଡାଇ ପୌର ନିର୍ବାଚନ ଦୀର୍ଘଦିନ ହେବ ବନ୍ଦ ରହିଛି। ଏହି ୨ ପୌରାଞ୍ଚଳକୁ ପରିଚାଳନା ପାଇଁ ରାଜ୍ୟ ସରକାର ପ୍ରଶାସକଙ୍କୁ ନିଯୁକ୍ତ କରିଛନ୍ତି । କାଉନ୍‌ସିଲରମାନେ ନ ଥିବାରୁ ଲୋକଙ୍କ ସମସ୍ୟାର ସମାଧାନ ହୋଇପାରୁ ନାହିଁ ବୋଲି ଅଭିଯୋଗ ହୋଇଛି । ପ୍ରଶାସକ ହାତଗଣତି କେତେଜଣ ପୂର୍ବତନ କାଉନ୍‌ସିଲରଙ୍କୁ ନେଇ କାମ ଚଳାଉଛନ୍ତି । ଫଳରେ ତୃଣମୂଳସ୍ତରର ସମସ୍ୟା ସମାଧାନ ହୋଇପାରୁ ନାହିଁ ବୋଲି ଅଭିଯୋଗ ହୋଇଛି ।

ଆଗାମୀ ବିଧାନସଭାରେ ପୌର ନିର୍ବାଚନ ପାଇଁ ବାଟ ଖୋଲିବାର ସମ୍ଭାବନା ଅଛି। ଏଥିପାଇଁ ରାଜ୍ୟର ୩ ବୃହତ୍ ରାଜନୈତିକ ଦଳ କିଛି ମାତ୍ରାରେ ସକ୍ରିୟ ହୋଇଛନ୍ତି । ନିର୍ବାଚନମଣ୍ଡଳୀର ମୌଳିକ ସମସ୍ୟାଗୁଡ଼ିକ ପଦାକୁ ଆଣିବାକୁ ସବୁ ଦଳର ନେତାମାନେ ଏବେ ଅଣ୍ଟା ଭିଡିଛନ୍ତି । ସେହିପରି ବର୍ଷ ଆରମ୍ଭରୁ ସ୍ଥାନୀୟ ନେତାମାନେ ନିଜର ପୋଷ୍ଟର ଛପାଇ ଆଗାମୀ ଦିନର ନେତୃତ୍ୱ ପାଇଁ ସଜବାଜ ହୋଇଛନ୍ତି । ରାଜନୈତିକ ବିଶେଷଜ୍ଞ ଅମରବର ବିଶ୍ୱାଳ, ବାନାମ୍ବର ସାହୁ, ରାଧାକାନ୍ତ ମହାନ୍ତି ପ୍ରମୁଖ କହିଛନ୍ତି, ଜିଲାର ବିକାଶ ପାଇଁ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟର ଆବଶ୍ୟକତା ଅଛି । ଦଳୀୟ କନ୍ଦଳ ରାଜନେତାଙ୍କ ମଧ୍ୟରେ ଏକାଠି ହେବାକୁ ସୁଯୋଗ ଦେଉ ନାହିଁ । ଏଣେ ପ୍ରଶାସକଙ୍କୁ ଏକାଧିକ ଦାୟିତ୍ୱ ଦିଆଯାଉଥିବାରୁ ବିଭିନ୍ନ ସମସ୍ୟାର ସମାଧାନ ହୋଇପାରୁନାହିଁ ।

ରାଜ୍ୟ ସରକାରଙ୍କ ସର୍ଭେ ଅନୁଯାୟୀ, ଅର୍ଥନୈତିକ ବିକାଶ ଦିଗରେ କେନ୍ଦ୍ରାପଡ଼ା ଜିଲା ରାଜ୍ୟର ୨୬ତମ ସ୍ଥାନରେ ଅଛି । ଇନ୍ଦିରା ଆବାସ, କର୍ମନିଯୁକ୍ତି, ପଞ୍ଚାୟତ ଉନ୍ନୟନ, ବୃକ୍ଷରୋପଣ, ଜଳଶକ୍ତି ସଂରକ୍ଷଣ ଯୋଜନା ଆଦିରେ ଏହି ଜିଲା ରାଜ୍ୟର ୧୫ଶ ସ୍ଥାନରେ ପହଞ୍ଚିବା କଷ୍ଟକର ହୋଇପଡୁଛି। ସେହିପରି ଜିଲାରେ ମେଡିକାଲ କଲେଜ ସ୍ଥାପନ, ଶିଳ୍ପ କରିଡର, ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଓ କୃଷି ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍ ଆବଶ୍ୟକତା ଥିବା ବେଳେ ରାଜନେତା ଓ ପ୍ରଶାସକଙ୍କ ସମନ୍ୱୟ ଅଭାବ ଦେଖାଦେଇଛି। ଏହାଛଡା ତୃଣମୂଳସ୍ତରରେ ଶାସନ ବ୍ୟବସ୍ଥାର ସୁପରିଚାଳନା ପାଇଁ ପଟ୍ଟାମୁଣ୍ଡାଇ, ରାଜକନିକା, ମାର୍ଶାଘାଇରେ ସବ୍‌ଡିଭିଜନ ପ୍ରତିଷ୍ଠାର ସ୍ୱର ଉଠିଛି । ସେନେଇ କୌଣସି ତତ୍ପରତା ପ୍ରକାଶ ପାଉନାହିଁ । ଗତ ନିର୍ବାଚନଗୁଡ଼ିକରେ ଜିତି ଏହି ଜିଲାରେ ବିଜେଡି ଏକ ଅପ୍ରତିଦ୍ୱନ୍ଦ୍ୱୀ ଦଳ ଭାବେ ଛିଡ଼ାହୋଇଛି । ରାଜ୍ୟରେ ବିଜେଡି ସରକାର ଚାଲିଥିଲେ ମଧ୍ୟ ସ୍ଥାନୀୟ ଲୋକ ପ୍ରତିନିଧି ଜିଲାର ବିକାଶ ପାଇଁ ଏକାଠି ହେବା ଦେଖାଯାଇ ନାହିଁ । ଏପରିକି ଏମ୍‌ପି ଓ ବିଧାୟକଙ୍କ ମଧ୍ୟରେ ସମନ୍ୱୟର ଅଭାବ ରହିଛି । ଏହି ସମନ୍ୱୟ ଅଭାବ ୩ ସାଧାରଣ ନିର୍ବାଚନ ପରେ ଦେଖିବାକୁ ମିଳିଛି ।

ଲୋକଙ୍କ ସମସ୍ୟାର ସ୍ୱର ଉଠାଇବାରେ ବିରୋଧୀ ଭାଜପା ଓ କଂଗ୍ରେସର ସ୍ଥିତି ମଧ୍ୟ ଏକା ପ୍ରକାର ରହିଛି । ଗତ ୨୨ ତାରିଖରେ କେନ୍ଦ୍ରାପଡ଼ାକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସିଥିଲେ । ତାଙ୍କ ଗସ୍ତ ସମୟରେ ଜିଲା ଭାଜପା ନେତୃମଣ୍ଡଳୀଙ୍କୁ ଏକାଠି ହୋଇଥିବା ଦେଖିବାକୁ ମିଳିଥିଲା । ଏହା ପୂର୍ବ ଓ ପରର କାର୍ଯ୍ୟକ୍ରମରେ ଦଳୀୟ କନ୍ଦଳ ସ୍ପଷ୍ଟ ହୋଇଛି। ସେହିପରି ଜିଲା କଂଗ୍ରେସ ସଭାପତି ଭାବେ ଅଂଶୁମାନ୍ ମହାନ୍ତି ଦାୟିତ୍ୱ ଗ୍ରହଣ ପରେ ଜିଲାର କର୍ମୀ ମହଲରେ ହଲଚଲ ଦେଖାଦେଇଛି । ସଂରକ୍ଷଣକୁ ନେଇ ଅଟକିଥିବା କେନ୍ଦ୍ରାପଡା ପୌର ନିର୍ବାଚନମଣ୍ଡଳୀର ପ୍ରତି ୱାର୍ଡକୁ ବିଧାୟକ ଶଶିଭୂଷଣ ବେହେରା ସର୍ଭେ କରିବା ସହ ଯୋଜନା ଅଟକଳ କରୁଛନ୍ତି । ସେହିପରି ରାଜନଗର ବିଧାୟକ ଧ୍ରୁବ ସାହୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ପ୍ରତ୍ୟେକ ୱାର୍ଡ ବୁଲୁଛନ୍ତି । ସାମୂହିକ ବିକାଶ ପାଇଁ ସେହି ଅଞ୍ଚଳର ରାଜନୈତିକ ବ୍ୟବସ୍ଥା ଅଧିକ ସକ୍ରିୟ ହେବା ଆବଶ୍ୟକ । ପ୍ରଶାସକଙ୍କ ସହ ସମନ୍ୱୟ ରଖି କାର୍ଯ୍ୟ କଲେ ଜିଲାର ବିକାଶ ହୋଇପାରିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି।

# ପିକ୍‌ନିକ୍‌କୁ ଆସି ଆକ୍ରମଣ



ଗିରଫ ୫ ଅଭିଯୁକ୍ତ।

## ଜଣେ ଗୁରୁତର, ୫ ଗିରଫ

**ଓଡ଼ଗାଁ, ୨୮।୧(ସ୍ୱ.ପ୍ର.)**

ଓଡ଼ଗାଁ ଆଦର୍ଶ ଥାନା ବୁଢାବୁଢିଆଣି ଡ୍ୟାମ୍ ପର୍ଯ୍ୟଟନସ୍ଥଳୀକୁ ପିକ୍‌ନିକ୍ କରିବାକୁ ଆସିଥିବା ଯୁବକଙ୍କ ଆକ୍ରମଣରେ ଜଣେ ସ୍ଥାନୀୟ ଯୁବକ ଗୁରୁତର ହୋଇଛନ୍ତି। ତାଙ୍କୁ ନୟାଗଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ୫ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଡପୁଟ ଗ୍ରାମର ମାନସ ରାଉତ, ଗଜେନ୍ଦ୍ର ପ୍ରଧାନ, କୁବେର ସାହୁ, ଦିନବନ୍ଧୁ ରାଉତ ଓ ଗଞ୍ଜାମ ଜିଲା କୋଦଳାର ଅନୀଲ ବେହେରା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସେମାନେ ଆସିଥିବା ଗାଡ଼ିକୁ ଜବତ କରିଛି।

ବଡପୁଟ ଗ୍ରାମର ୭ ଯୁବକ ଏକ ଗାଡିରେ ପିକନିକ୍ କରିବାକୁ ଆସିଥିଲେ। ସେଠାରେ ଝାଲମୁଢ଼ି ବିକ୍ରି କରୁଥିବା ଜଣେ ଯୁବକଙ୍କୁ ସେମାନେ ଆମ୍ବକଶି ଅଦା ମାଗିଥିଲେ । ହେଲେ ତାଙ୍କ ପାଖରେ ଆମ୍ବକଶି ଅଦା ନ ଥିବାରୁ ସମ୍ପୃକ୍ତ ଯୁବକ ତାଙ୍କ ସାଇକେଲ ଫୋପାଡି ଦେବା ସହିତ ମାରପିଟ କରିଥିଲେ। ଯୁବକମାନଙ୍କ ଏପରି ଆଚରଣ ଦେଖି ସ୍ଥାନୀୟ ଜଣେ ଦୋକାନୀ ଏହାର ପ୍ରତିବାଦ କରିବାରୁ ସଂପୃକ୍ତ ଯୁବକମାନେ ଉତ୍ୟକ୍ତ ହୋଇ ସଂପୃକ୍ତ ଦୋକାନୀଙ୍କ ଦୋକାନ ଭାଙ୍ଗିବାକୁ ଉଦ୍ୟମ କରିବା ସହିତ ଗାଲିଗୁଲଜ କରିଥିଲେ। ଏହି ସମୟରେ ଗୌଡପୁଟ ଗ୍ରାମର କୁଳମଣି ପ୍ରଧାନ (୪୦) ସେହି ରାସ୍ତାରେ ଯାଉଥିବା ବେଳେ କ'ଣ ହେଉଛି ବୋଲି ଜାଣିବାକୁ ଚାହିଁଥିଲେ । ହେଲେ ଉତ୍ତ୍ୟକ୍ତ ଯୁବକମାନେ ଦୋକାନୀଙ୍କୁ ଛାଡି କୁଳମଣିଙ୍କୁ ଆକ୍ରମଣ କରିଥିଲେ। ଫଳରେ କୁଳମଣିଙ୍କ ମୁଣ୍ଡ ଫାଟି ଯାଇଥିଲା। ଏ କଥା ଜଣାପଡିବା ପରେ ଗ୍ରାମବାସୀ ପହଞ୍ଚି ଆକ୍ରମଣକାରୀ ୭ ଯୁବକଙ୍କୁ କାବୁ କରି ପୋଲିସକୁ ହସ୍ତାନ୍ତର କରିଥିଲେ। ସେମାନଙ୍କ ମଧ୍ୟରୁ ପୋଲିସ ୫ ଜଣଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଥିଲା। ଦୁଇ ଯୁବକଙ୍କୁ ପୋଲିସ ଅଟକ ରଖିଛି।

# ତଥ୍ୟ ଦେଇ ପାରିଲେ ନାହିଁ ବିଭାଗୀୟ ଅଧିକାରୀ




ଜିଲା ପରିଷଦ ବୈଠକରେ ଅଧକ୍ଷା ବୈଜୟନ୍ତୀମାଳା ମହାନ୍ତି ଓ ଅନ୍ୟମାନେ ।

## ଜିଲା ପରିଷଦ ବୈଠକ

■ ଧାନକିଣାରେ ବିଳମ୍ବ ନେଇ ଉଦ୍‌ବେଗ

**ନୟାଗଡ ଅଫିସ,୨୮।୧**

ନୟାଗଡ଼ ଜିଲା ପରିଷଦର ୯ମ ସାଧାରଣ ଅଧିବେଶନ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭାଗୃହ 'ସୃଜନ'ରେ ଅଧକ୍ଷା ବୈଜୟନ୍ତୀମାଳା ମହାନ୍ତିଙ୍କ ପୌରୋହିତ୍ୟରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଓଡଗାଁ ବ୍ଲକ କଜଳାଇପଲ୍ଲୀ ନିକଟସ୍ଥ ଶିମଳି ଝରଣାକୁ ଇକୋ ଟୁରିଜିମ କରିବାକୁ ପ୍ରସ୍ତାବ ଗୃହୀତ ହୋଇଛି। ଶିମିଳି ଝରଣାକୁ ଏକ ବାଇପାସ ଶିଖରପୁରଠାରୁ ହେବ। ଏହି ବାଇପାସ ଗାଁ ବାହାରେ କରାଯିବ। ସେହିପରି ଶରଣକୁଳ ବାଇପାସ ନିର୍ମାଣ କରତା ବ୍ରାହ୍ମଣ ଶାସନରୁ ଗହୀର ଭିତରେ ଶିଖରପୁର ଓ ବାଉଁଶିଆ ଦେଇ ଗୋଟିସାହିରେ ବାହାରିବାକୁ ପ୍ରସ୍ତାବ ଥିଲା। ଏହା ଗୋଟିସାହିଠାରେ ନ ବାହାରି କଟରାଝରି ବନ୍ଧ ଦେଇ ଅତିକ୍ରମ କରିବ ବୋଲି ଅନୁରୂପ ପ୍ରସ୍ତାବ ଗୃହୀତ ହୋଇଛି। ଏହି ବାଇପାସ ଲିଙ୍କ୍‌ରୋଡ ଶରଣକୁଳ ଥାନାର ଯାତ୍ରୀ ପଡିଆରେ ବାହାରିବ ।

ବୈଠକରେ କୃଷି, ବନ, ଉଠାଜଳସେଚନ, ମୃତ୍ତିକା ସଂରକ୍ଷଣ ବିଭାଗ ତଥ୍ୟ ଦେଇ ନ ପାରି ଗୃହରେ ଅପଦସ୍ତ ହୋଇଥିଲେ। ବନ ବିଭାଗ ଏମ୍‌ଜିଏନ୍‌ଆରଇଜିଏସ କାମର ଉତ୍ତର ଦେଇ ପାରି ନ ଥିଲା। ଜିଲା ପରିଷଦର ଗୃହ ଓ ଷ୍ଟାଣ୍ଡିଂ କମିଟି କରାଯାଇ ଏହାର ତଦନ୍ତ କରାଯିବାକୁ ନିଷ୍ପତ୍ତି ହୋଇଛି। ଧାନ କିଣା ଠିକରେ ହେଉ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଦେଢ଼ ମାସ ବିତି ଯାଇଥିଲେ ମଧ ୪୪ ହଜାର ଚାଷୀରୁ ୧୪ ହଜାର ଚାଷୀ ଧାନ ବିକିଛନ୍ତି। ୧୪ ଲକ୍ଷ ମେଟ୍ରିକ ଟନରୁ ମାତ୍ର ୬ ଲକ୍ଷ ମେଟ୍ରିକ ଟନ ଧାନ କିଣା ହୋଇଛି। ଟୋକନ ଇସ୍ୟୁ କରି ତୁରନ୍ତ ଧାନ କିଣିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଆରଡିର ନୟାଗଡ ଓ ଦଶପଲ୍ଲା କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଗୃହରେ ଅନୁପସ୍ଥିତ କାରଣରୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଛି। ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଜନର ବିଭିନ୍ନ କାର୍ଯ୍ୟ ଆଲୋଚନା କରାଯାଇ ନଳକୂଅଗୁଡ଼ିକର ତୁରନ୍ତ ମରାମତି ଏବଂ ପାଇପ୍ ଲାଇନ ଦ୍ୱାରା ପାନୀୟ ଜଳ ଯୋଗାଣକୁ ତ୍ୱରାନ୍ୱିତ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଲୋଚନାରେ ଜିଲା ପରିଷଦ ସଭ୍ୟ ସନ୍ୟାସୀ ପ୍ରଧାନ, ରାମେଶ୍ୱର ଶତପଥୀ, ନସିର ଅହମ୍ମଦ, ରଣପୁର ତଥା ଜିଲା ଯୋଜନା ବୋର୍ଡର ଅଧକ୍ଷ ସତ୍ୟନାରାୟଣ ପ୍ରଧାନ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଉପାଧକ୍ଷ ଅଖିଳ କୁମାର ଜାନୀ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧରେ ପିଡି ଡିଆରଡିଏ ସୁବାସ ଚନ୍ଦ୍ର ରାୟ, ଜିଲାସ୍ତରୀୟ ଅଧିକାରୀ, ଲାଇନ ବିଭାଗର ପଦସ୍ଥ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

### ହରିୟାଣାରୁ ଆସିଥିବା ଯୁବକଙ୍କ ପରିଚୟ ମିଳିଲା

**ନାଉଗାଁ,୨୮।୧(ସ୍ୱ.ପ୍ର.)**

ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଜଣେ ହରିୟାଣା ଯୁବକଙ୍କ ପରିଚୟ ଜଣାପଡ଼ିଛି। ସେ ହେଲେ ହରିୟାଣାସ୍ଥିତ ଅମ୍ବାଲା ଜିଲାର ସୁନୀଲ କୁମାର ସିଙ୍ଗଲ। ତାଙ୍କ ପିତାଙ୍କ ନାମ ସତୀଶ କୁମାର ଓ ମାତା ଉର୍ମିଳା ଦେବୀ। ସୁନୀଲ ଏ ସମ୍ପର୍କରେ ସୂଚନା ଦେବା ପରେ ପରିବାର ଲୋକଙ୍କୁ ଯୋଗାଯୋଗ କରାଯାଇଛି ବୋଲି ନାଉଗାଁ ଥାନାଧିକାରୀ ଭରତ କୁମାର ବେହେରା କହିଛନ୍ତି। ସୂଚନା ଅନୁଯାୟୀ, ସୁନୀଲଙ୍କୁ ନାଉଗାଁ ବଜାରରେ ସନ୍ଦେହଜନକ ଅବସ୍ଥାରେ ବୁଲୁଥିବା ଦେଖି ସାମାଜିକ କର୍ମୀ ପ୍ରସନ୍ନଜିତ ସାହୁ ନାଉଗାଁ ଥାନାରେ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ଥାନାକୁ ନେଇ ପଚରାଉଚୁରା କରିଥିଲେ। ଏକ ଟ୍ରକ୍‌ରେ ଏଠାକୁ ଚାଲି ଆସିଥିଲେ,ମାତ୍ର ଆଉ ଫେରି ପାରି ନ ଥିବା ସୁନୀଲ କହିଥିଲେ। ଏହାପରେ ଥାନା ପକ୍ଷରୁ ହରିୟାଣା ପୋଲିସ ସହ ଯୋଗାଯୋଗ କରାଯାଇ ପରିବାର ସଦସ୍ୟଙ୍କୁ ଖବର ଦିଆଯାଇଥିଲା। ଏ ସମ୍ପର୍କରେ ସୁନୀଲଙ୍କ ବଡ଼ଭାଇ କହିଛନ୍ତି, ଲକ୍‌ଡାଉନ ସମୟରେ ସୁନୀଲ ହଜିଯିବା ପରେ ନିକଟସ୍ଥ ଥାନାରେ ଅଭିଯୋଗ କରାଯାଇଥିଲା। ଏଥିସହ ସୁନୀଲଙ୍କ ଆଧାର ଓ ଭୋଟର ପରିଚୟ ପତ୍ର ନକଲ ନାଉଗାଁ ଥାନାକୁ ପଠାଇଥିଲେ। ୨ ଦିନ ମଧ୍ୟରେ ପରିବାର ଲୋକେ ତାଙ୍କୁ ନେବା ପାଇଁ ଆସିବେ ବୋଲି ବଡ଼ଭାଇ କହିଛନ୍ତି। ଏହାପରେ ନାଉଗାଁ ଥାନା ପକ୍ଷରୁ ଜଗତ୍‌ସିଂହପୁରସ୍ଥିତ ରାତ୍ର ଆଶ୍ରୟ ସ୍ଥଳରେ ତାଙ୍କୁ ରଖାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ପରିବାର ସଦସ୍ୟ ପହଞ୍ଚିବା ପରେ ତଦନ୍ତ କରାଯାଇ ସୁନୀଲଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନାଧିକାରୀ ବେହେରା ସୂଚନା ଦେଇଛନ୍ତି।

# ଅଙ୍ଗନୱାଡି କର୍ମୀଙ୍କ ସମସ୍ୟା ଆଲୋଚନା




କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସମେତ ଅନ୍ୟ ଅତିଥି।

**ବରୀ,୨୮।୧(ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ଚନ୍ଦନପୁର ପଞ୍ଚାୟତ ଅଜାଣଠାରେ ଗୁରୁବାର ବିଜୁ ଶ୍ରମିକ ସଂଗଠନ ସହ ଅନୁବନ୍ଧିତ ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବରୀ ବିଧାୟିକା ସୁନନ୍ଦା ଦାସ ଯୋଗଦେଇ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଥିବା ବିଭିନ୍ନ ସମସ୍ୟା ବିଷୟରେ ଅବଗତ ହୋଇଥିଲେ। ବିଶେଷକରି ଅଙ୍ଗନୱାଡି ଓ ସହାୟିକାଙ୍କ ବିଭିନ୍ନ ଦାବିକୁ ସରକାର ଅଦ୍ୟାବଧି ଗ୍ରହଣ କରି ନ ଥିବାରୁ ବାସ୍ତବତାକୁ ଆଖି ଆଗରେ ରଖି ଏହାକୁ ସମାଧାନ କରିବା କ୍ଷେତ୍ରରେ ଦୃଷ୍ଟି ଦେବାକୁ ଉପସ୍ଥିତ ନେତାମାନେ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସାଂଗ୍ଠନିକ ସଭାପତି ନନ୍ଦିନୀ ପଣ୍ଡା, ରାଜ୍ୟ ସମ୍ପାଦକ ପ୍ରଦୀପ ନାୟକ, ବରୀ ବ୍ଲକ ସଭାପତି ସବିତା ବଳ, ସମ୍ପାଦକ ଭାରତୀ କର, ଚନ୍ଦନପୁର ସରପଞ୍ଚ କେଦାର ସାମଲ, ଜିଲା ପରିଷଦ ସଭ୍ୟ ଅଶୋକ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବିଜୟ ବିଶ୍ୱାଳ ସଭା ପରିଚାଳନା କରିଥିଲେ।

# ଲାଞ୍ଚ: ପ୍ରାଣୀ ଚିକିତ୍ସକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଗିରଫ

**ନୟାଗଡ଼ ଅଫିସ,୨୮।୧**

ସବ୍‌ସିଡ୍ ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ନୟାଗଡ ଭିଜିଲାନ୍ସ ବିଭାଗ ଅଧିକାରୀ ଭାପୁର ବ୍ଲକ ପ୍ରାଣୀ ଚିକିତ୍ସକ ମମତା ହେମ୍ବ୍ରମ ଓ ସହଯୋଗୀ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅନନ୍ତ ପାଇକରାୟଙ୍କୁ ଗିରଫ କରିଛନ୍ତି। ଏନେଇ ମାମଲା(ନଂ.୫/୨୧) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଦୁଇ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯିବ। ଭିଜିଲାନ୍ସ ସୂଚନା ଅନୁସାରେ, ଭାପୁର ବ୍ଲକ ମାଧପୁର କେନ୍ଦୁପଲ୍ଲୀର ଛେଳିଚାଷୀ ପ୍ରହଲାଦ ଚନ୍ଦ୍ର ନାୟକଙ୍କ ଛେଳି ଲୋନ ସବସିଡ୍ ପ୍ରାୟ ୪ ଲକ୍ଷ ଟଙ୍କା ରିଲିଜ୍ କରିବାକୁ ବ୍ଲକ ପ୍ରାଣୀ ଚିକିତ୍ସକ ମମତା ଲାଞ୍ଚ ମାଗିଥିଲେ। ଏନେଇ ପ୍ରହ୍ଲାଦ ନୟାଗଡ ଭିଜିଲାନ୍ସ ସହ ଯୋଗାଯୋଗ କରିଥିଲେ। ଗୁରୁବାର ପ୍ରାଣୀ ଚିକିତ୍ସକ ଅନନ୍ତଙ୍କୁ ଲାଞ୍ଚ ଟଙ୍କା ଆଣିବାକୁ ପ୍ରହ୍ଲାଦଙ୍କ ଛେଳି ଫାର୍ମକୁ ପଠାଇଥିଲେ। ଅନନ୍ତ ଲାଞ୍ଚ ଟଙ୍କା ନେଇ ଆସୁଥିବାବେଳେ ନୟାଗଡ ଭିଜିଲାନ୍ସ ଡିଏସ୍‌ପି ଶିଶିର ଭୋଇ, ଖୋର୍ଦ୍ଧା ଭିଜିଲାନ୍ସ ଡିଏସ୍‌ପି ମନୋରଞ୍ଜନ ପାଇକରାୟ, ଇନ୍ସପେକ୍ଟର ଚନ୍ଦ୍ରକଳା ଜେନାଙ୍କ ସମେତ ୮ଜଣିଆ ଟିମ୍ ତାଙ୍କୁ କାବୁ କରି ନେଇଥିଲେ। ପରେ ବ୍ଲକ ପ୍ରାଣୀ ଚିକିତ୍ସକଙ୍କୁ ଗିରଫ କରିଥିଲେ।

# ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ଅଭିଯୋଗ ଆଣିଲେ ପୁଅ

## କାନ୍ଧରେ ମୃତଦେହ ବୁହା ହେବା ଘଟଣା

**କେନ୍ଦ୍ରାପଡା ଅଫିସ,୨୮।୧**

କେନ୍ଦ୍ରାପଡା ଜିଲା ସଦର ଥାନା ଅନୁଆପଡା ଗ୍ରାମର ସୁଲୋଚନା ରାଉତଙ୍କ ମୃତଦେହକୁ କାନ୍ଧରେ ବୁହାହେବା ଘଟଣାରେ ପୁଅ ବିଭୁତିଭୂଷଣ ଜିଲାପାଳଙ୍କୁ ଏକ ଅଭିଯୋଗ ପତ୍ର ଗୁରୁବାର ପ୍ରଦାନ କରିଛନ୍ତି । ଏଥିରେ ସେ ଜିଲା ମୁଖ୍ୟ ଚିକିତ୍ସାଳୟର ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ସମ୍ପର୍କରେ ଉଲ୍ଲେଖ ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏସମ୍ପର୍କରେ ବିଭୁତିଭୂଷଣ କହିଛନ୍ତି, ଗତ ୨୫ ତାରିଖ ସନ୍ଧ୍ୟାରେ ମାଆ ଘରେ ପଡିଯିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା । ତାଙ୍କର ଛାତି ଓ ହାତରେ ଯନ୍ତ୍ରଣା ହେଉଥିଲେ ମଧ୍ୟ ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ଦେଖି ନ ଥିଲେ । ଡାକ୍ତରଙ୍କ ଅବହେଳାରୁ ସୁଲୋଚନାଙ୍କ ତା'ପରଦିନ ସକାଳ ୬ଟାରେ ମୃତ୍ୟୁ ଘଟିଥିଲା ବୋଲି ସେ କହିଛନ୍ତି । ଏପରିକି ମହାପ୍ରୟାଣ ଗାଡି ମୃତଦେହ ନେବା ପାଇଁ ୮୦୦ ଟଙ୍କା ଦାବି କରିଥିଲେ । ଷ୍ଟ୍ରେଚର ପାଇଁ ଦାୟିତ୍ୱରେ ଥିବା କର୍ମଚାରୀମାନେ ଅଶାଳୀନ ବ୍ୟବହାର କରିଥିଲେ । ଜିଲାପାଳ ଅମ୍ରିତ ଋତୁରାଜ ଏହି ଘଟଣାର ତଦନ୍ତ ପାଇଁ ସିଡିଏମ୍‌ଓଙ୍କୁ ଦାୟିତ୍ୱ ଦେଇଥିବା ସୂଚନା ମିଳିଛି ।

# ସପ୍ତାହେ ହେଲା ବ୍ୟାଙ୍କରେ ତାଲା

## ଫସଲ ବୀମା ଅର୍ଥ ପ୍ରଦାନ ମାମଲା ସମାଧାନ ହେଉନି

**ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର,୨୮।୧(ଡି.ଏନ.ଏ.)**

ବାଲିଚନ୍ଦ୍ରପୁରସ୍ଥିତ କଟକ କେନ୍ଦ୍ର ସମବାୟ ବ୍ୟାଙ୍କରେ ୨୨ ତାରିଖରୁ ତାଲାଝୁଲୁଛି। ବୁଧବାର ବାଲିଚନ୍ଦ୍ରପୁର ପୋଲିସ ଦର୍ପଣ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତିରେ ତାଲା ଖୋଲିଥିଲାବେଳେ ପୁନର୍ବାର ସନ୍ଧ୍ୟାରେ କେତେଜଣ ବ୍ୟକ୍ତି ତାଲା ପକାଇ ଦେଇଛନ୍ତି। ଯାହାକୁ ନେଇ ଗ୍ରାହକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ତାଲା ପକାଇବା ପରେ ସମ୍ପୃକ୍ତ ବ୍ୟକ୍ତି ବାଲିଚନ୍ଦ୍ରପୁର ଥାନରେ ପହଞ୍ଚି ଦାବିପୂରଣ ନ ହେବେ ଯାଏ ତାଲା ଖୋଲିବ ନାହିଁ ବୋଲି ପୋଲିସକୁ ଜଣାଇଥିଲେ। ପରିସ୍ଥିତିକୁ ନଜରରେ ରଖି ପୋଲିସ ପକ୍ଷରୁ ଏକ ପ୍ଲଟୁନ ଫୋର୍ସ ମୁତୟନ କରାଯାଇଛି। ଶୁକ୍ରବାର ପୋଲିସ ଓ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତାଲା ଖୋଲାଯିବ ବୋଲି ଥାନାଧିକାରୀ ସୁକାନ୍ତ ପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଭରତପୁର ସେବା ସମବାୟ ସମିତିର ଚାଷୀ ବୀମା ଅର୍ଥ ଦାବି କରି ୭ ମାସ ହେବ ଆନ୍ଦୋଳନ ଚଳାଇଛନ୍ତି। ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ, ଜିଲାପ୍ରଶାସନ ଓ ଚାଷୀ ପ୍ରତିନିଧିଙ୍କ ସହିତ ବାରମ୍ବାର ଆଲୋଚନା ହୋଇଥିଲେ ମଧ ସମସ୍ୟା ସମାଧାନ ହୋଇ ନ ଥିଲା। ଫଳରେ ଚାଷୀ ଠେଙ୍ଗାବାଡି ଧରି ଆସି ବାଲିଚନ୍ଦ୍ରପୁରରେ ବ୍ୟାଙ୍କରେ ତାଲା ପକାଇବା ଘଟଣାକୁ ନେଇ ଆଲୋଡନ ଖେଳିଯାଇଛି। ଏସମ୍ପର୍କରେ ବାଲିଚନ୍ଦ୍ରପୁର ଶାଖା ଭାରପ୍ରାପ୍ତ ମ୍ୟାନେଜର ଦେବେନ୍ଦ୍ର କୁମାର ଦେଓ କହିଛନ୍ତି, ଭରତପୁର ସେବା ସମବାୟ ସମିତି ଅଧୀନରେ ଋଣ ନେଇଥିବା ଚାଷୀଙ୍କ ଋଣ ପ୍ରକ୍ରିୟା ମାମଲା ହାଇକୋର୍ଟ ପର୍ଯ୍ୟନ୍ତ ଯାଇଥିଲା। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆମେ ୮୮୯ ଚାଷୀଙ୍କୁ ବୀମା ରାଶି ପ୍ରଦାନ କରିବାକୁ ରାଜିଅଛୁ। ୩୯୨ ଚାଷୀଙ୍କ ରେକର୍ଡ ଯାଞ୍ଚ ପରେ ବୀମା ରାଶି ପ୍ରଦାନ କରାଯିବ। ତେବେ ଏହାକୁ କେତେଜଣ ନ ବୁଝି ବାରମ୍ବାର ବ୍ୟାଙ୍କରେ ଝାମେଲା ସୃଷ୍ଟି କରିବା ସହିତ ତାଲା ପକାଉଛନ୍ତି। ସେଥିପାଇଁ ଆମ୍ଭେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛୁ।

# ବିଦ୍ୟାଳୟ, ବ୍ୟାଙ୍କ, ସ୍ୱାସ୍ଥ୍ୟକେନ୍ଦ୍ର ପ୍ରମୁଖ ରାସ୍ତା ସହ ସଂଯୋଗ ହେବ

**ଜଗତ୍‌ସିଂହପୁର ଅଫିସ, ୨୮।୧**




ବୈଠକରେ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଧାୟକ ଓ ଅନ୍ୟ ଅଧିକାରୀମାନେ।

## ୫ମ ଜିଲା ପରିଷଦ ବୈଠକ

■ କେନାଲ ଓ ନଦୀବନ୍ଧ ରାସ୍ତା ରକ୍ଷଣାବେକ୍ଷଣ ଦାୟିତ୍ୱ ଆର୍‌ଡି ଓ ପୂର୍ତ୍ତ ବିଭାଗକୁ ଦିଆଯାଇଛି

ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଜଗତ୍‌ସଂହପୁର ୫ମ ଜିଲା ପରିଷଦର ସ୍ୱତନ୍ତ୍ର ସାଧାରଣ ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲା ପରିଷଦ ସଭାପତି ପ୍ରିୟଦର୍ଶିନୀ ବିଶ୍ୱାଳଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବୈଠକରେ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ କହିଥିଲେ, ଜିଲାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (୩)ରେ ଥିବା ରାସ୍ତାଗୁଡିକ ଦୀର୍ଘ କରାଯିବା। ଏଥିସହ ବ୍ୟାଙ୍କ, ବିଦ୍ୟାଳୟ, ସିଏଚ୍‌ସି, ପିଏଚ୍‌ସି ଓ ଯାନ୍ତ୍ରିକ ମହାବିଦ୍ୟାଳୟକୁ ଯାଇଥିବା ରାସ୍ତା ସହ ପ୍ରମୁଖ ରାସ୍ତାଗୁଡ଼ିକୁ ସଂଯୋଗ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ସାଟେଲାଇଟ୍ ମାଧ୍ୟମରେ ଜିଓ ଟ୍ୟାଗ ଚିହ୍ନିତ କରାଯାଇଛି । ଯଦି ଗ୍ରାମ୍ୟ ଉନ୍ନୟନ (ଆର୍‌ଡି) ବିଭାଗତାଲିକାରେ ଅତି ଆବଶ୍ୟକ ରାସ୍ତା ସ୍ଥାନ ପାଇ ନାହିଁ, ତେବେ ସେଗୁଡିକ ତାଲିକାଭୁକ୍ତ କରି ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀକୁ ପ୍ରଦାନ କରନ୍ତୁ। କେନାଲ ଓ ନଦୀବନ୍ଧ ରାସ୍ତାର ରକ୍ଷଣାବେକ୍ଷଣ ଆଉ ଜଳସମ୍ପଦ ବିଭାଗ କରିବ ନାହିଁ । ଆର୍‌ଡି ଓ ପୂର୍ତ୍ତ ବିଭାଗକୁ ଏହି ଦାୟିତ୍ୱ ଦିଆଯାଇଛି। ଜିଲାପାଳଙ୍କ ଅଧ୍ୟକ୍ଷତାରେ କ୍ଷମତାସମ୍ପନ୍ନ କମିଟି ଦ୍ୱାରା ଏହି ରାସ୍ତାଗୁଡ଼ିକ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରାଯିବ ବୋଲି ମନ୍ତ୍ରୀ ଦାସ କହିଥିଲେ । ବୈଠକରେ ଜଗତସିଂହପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ ମୁଦୁଲି ଯୋଗଦେଇ କହିଥିଲେ, ପିଏମ୍‌ଜିଏସ୍‌ୱାଇରେ ଯେଉଁ ରାସ୍ତାଗୁଡିକ ଯୋଜନା ଭିତରେ ରହିଛି ତାହାର ଅନୁମୋଦନ ନିମନ୍ତେ ବୈଠକ ଡକାଯାଇଛି । ଏହି ତାଲିକାରୁ ବାଦ୍ ପଡ଼ିଥିବା ରାସ୍ତାଗୁଡ଼ିକୁ ବିଭାଗୀୟ ଅଧିକାରୀମାନେ ଅନ୍ତର୍ଭୁକ୍ତ କରନ୍ତୁ । ରାଜ୍ୟ ସରକାର ମଧ କିଛି ରାସ୍ତା (ଆର୍‌ଡି)କୁ ପାହ୍ୟା ବୃଦ୍ଧି (ଅପ୍‌ଗ୍ରେଡେଶନ୍) ପାଇଁ ଦେବେ । ଜିଲା ପରିଷଦ ସଭ୍ୟାସଭ୍ୟମାନଙ୍କ ପ୍ରସ୍ତାବଗୁଡ଼ିକୁ ବିଭାଗୀୟ ଯନ୍ତ୍ରୀମାନେ ଧ୍ୟାନ ଦେବେ । ଏନେଇ ଆସନ୍ତା ମାର୍ଚ୍ଚ ସୁଦ୍ଧା ସମସ୍ତ କାର୍ଯ୍ୟ ଶେଷ କରିବାକୁ ବିଧାୟକ ମୁଦୁଲି ପରାମର୍ଶ ଦେଇଥିଲେ । ବୈଠକରେ ବ୍ଲକଓାରୀ ଛଡ଼ା ଯାଇଥିବା ରାସ୍ତାଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଉପରେ ବ୍ୟାପକ ଆଲୋଚନା ହୋଇଥିଲା । ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତିଙ୍କ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଓ ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଓ ଆର୍‌ଡି ଅଧୀକ୍ଷଣ ଯନ୍ତ୍ରୀ ଅନନ୍ତ ଗୋପାଳ ଶତପଥୀ ପ୍ରମୁଖ ଯୋଗଦେଇ ସରକାରଙ୍କ ମାର୍ଗଦର୍ଶିକା ଅନୁଯାୟୀ ରାସ୍ତା କାର୍ଯ୍ୟ ସମ୍ପନ୍ନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଜିଓ ଟ୍ୟାପିଙ୍ଗ ମାଧ୍ୟମରେ ଜିଲାର ୧୯୩ ରାସ୍ତାର ୧୬୮୦ କିଲୋମିଟର ତାଲିକାଭୁକ୍ତ ହୋଇଥିବା ସୂଚନା ମିଳିଛି।

**ଅଗ୍ନିକାଣ୍ଡ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ**

ପଟ୍ଟାମୁଣ୍ଡାଇ,(ଡି.ଏନ.ଏ.): ପଟ୍ଟାମୁଣ୍ଡାଇ ବ୍ଲକ ଚନ୍ଦନଗର ପଞ୍ଚାୟତ ଅନ୍ଧାରୁଆ ଗ୍ରାମର ନକୁଳ ଦାସଙ୍କ ଘରେ ଅଗ୍ନିକାଣ୍ଡ ଘଟି ୨ ବଖରା ପାଉଁଶ ହୋଇଯାଇଛି । ଘର ସଲଗ୍ନ ଗୁହାଳରେ ବନ୍ଧା ହୋଇଥିବା ଗୋଟିଏ ଗାଈ ଜୀବନ୍ତ ଦଗ୍ଧ ହୋଇଥିବା ବେଳେ ଅନ୍ୟ ୪ ଗାଈ ଗୁରୁତର ହୋଇଛନ୍ତି । ଘରେ ଥିବା ଧାନ,ଚାଉଳ, ବିରି, ମୁଗ ସହିତ ମୂଲ୍ୟବାନ ଆସବାବ ପତ୍ର ପୋଡି ନଷ୍ଟ ହୋଇଛି । ଚନ୍ଦନଗର ସର୍କଲ ରାଜସ୍ୱ ନିରିକ୍ଷକ କ୍ଷୟକ୍ଷତିର ଆକଳନ କରିଛନ୍ତି । ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିବା ପ୍ରାଥମିକ ଆକଳନରୁ ଜଣାପଡିଛି ।

## ସଂକ୍ଷେପରେ

### ବେଆଇନ ଲଘୁ ଖଣିଜ ଦ୍ରବ୍ୟ ଚାଲାଣ, ୪ ଗାଡ଼ି ଜବତ

**ଚଣ୍ଡିଖୋଲ,୨୮।୧(ଡି.ଏନ.ଏ.):** ଦର୍ପଣ ତହସିଲ ଅଞ୍ଚଳରୁ ବେଆଇନ ବାଲି, ମୋରମ ଓ ମାଙ୍କଡ଼ା ପଥର ଆଦି ଚୋରା ଚାଲାଣ ହେଉଛି। ଗୁରୁବାର ଦର୍ପଣ ତହସିଲ ଓ ବଡ଼ଚଣା ପୋଲିସର ମିଳିତ ଚଢ଼ାଉ ଫଳରେ ଜାତୀୟ ରାଜପଥ ୧୬ ନମ୍ବରରେ ଯାଉଥିବା ଏକ ବାଲି ବୋଝେଇ ଟ୍ରାକ୍ଟର, ଟିପର, ମାଙ୍କଡ଼ା ବୋଝେଇ ଟ୍ରକ ଏବଂ କଳା ମେଟାଲ ବୋଝେଇ ଟ୍ରକକୁ ଜବତ କରାଯାଇଛି। ଏହି ଅଞ୍ଚଳରେ ଏଭଳି ବେଆଇନ ଚୋରା ଚାଲାଣ ହେଉଥିଲେ ମଧ୍ୟ ତହସିଲ ପକ୍ଷରୁ ଆଖି ଦୃଷ୍ଟିଆ ପଦକ୍ଷେପ ନିଆଯାଉ ନ ଥିବା ସାଧାରଣରେ ଆଲୋଚନା ହେଉଛି। ତେବେ ତହସିଲ ଓ ପୋଲିସ ପ୍ରଶାସନ କୌଣସି ଖାଦାନକୁ ନ ଯାଇ ରାଜପଥ ଉପରୁ ଗାଡ଼ି ଧରିବା ଯୋଗୁ ବେଆଇନ ଭାବେ ଖନନ କରୁଥିବା ମାଫିଆଙ୍କ ଦୌରାତ୍ମ ବୃଦ୍ଧି ପାଉଥିବା କୁହାଯାଉଛି। ଏ ସମ୍ପର୍କରେ ଦର୍ପଣ ତହସିଲଦାର ବରଣ୍ୟେନ୍ଦୁ ମହାନ୍ତିଙ୍କୁ ପଚାରିବାରେ, ମିଳିତ ଚଢ଼ାଉ କରାଯାଇ ୪ଟି ଗାଡ଼ି ଜବତ ହୋଇଥିବା ସେ ପ୍ରକାଶ କରିଛନ୍ତି।

### କାରଖାନାରୁ ଲୁଟ୍ ଉଦ୍ୟମ ଘଟଣାରେ ବାପ-ପୁଅ ଗିରଫ

**କଳିଙ୍ଗନଗର,୨୮।୧(ଡି.ଏନ.ଏ.):** ବର୍ଷାଧିକ କାଳ ବନ୍ଦ ରହିଥିବା କଳିଙ୍ଗନଗର ଶିଳ୍ପାଞ୍ଚଳର ଏକମାତ୍ର ରାଷ୍ଟ୍ରାୟାତ ଉଦ୍ୟୋଗ ନୀଳାଚଳ ଇସ୍ପାତନିଗମ କାରଖାନାରୁ ଲୁଟ୍ ଉଦ୍ୟମ ଘଟଣାରେ ଗୁରୁବାର କଳିଙ୍ଗନଗର ପୋଲିସ ୨ ଜଣ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ କଳିଙ୍ଗନଗର ଥାନା ବାରଗାଡିଆ ଗାଁର ମାନସ କୁମାର ଦେଓ ଏବଂ ତାଙ୍କ ପୁଅ ଆଦିତ୍ୟ ଦେଓ। ପୋଲିସ ଏକ ମାମଲା (ନଂ.୨୦/୨୧)ରେ ଉଭୟଙ୍କୁ କୋର୍ଟଚାଲାଣ କରିଛି। ଘଟଣାମୁତାବକ, ୨୪ ତାରିଖରେ ବାପପୁଅଙ୍କ ସମେତ ଅନ୍ୟ କେତେଜଣ ଏକ ଟାଟାଏସିଇ ଯୋଗେ କାରଖାନାରୁ ସ୍କ୍ରାପ ଲୁଟ କରୁଥିବା ସମୟରେ ସୁରକ୍ଷା କର୍ମୀଙ୍କ ନଜରକୁ ଆସିଥିଲା। ସୁରକ୍ଷା କର୍ମୀମାନେ ପହଞ୍ଚି ଯିବାରୁ ଲୁଟେରା ଟାଟାଏସିଇ ନେଇ ଫେରାର ହୋଇଯାଇଥିଲେ। କିନ୍ତୁ ଓଜନ ମେଶିନକୁ ଛାଡି ଚାଲି ଯାଇଥିଲେ। ଏନେଇ କଳିଙ୍ଗନଗର ଥାନାରେ ଅଭିଯୋଗ କରାଯାଇଥିଲା।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

**ଧର୍ମଶାଳା,୨୮।୧(ଡି.ଏନ.ଏ.):** ଧର୍ମଶାଳା ଥାନା ଅନ୍ତର୍ଗତ ଆରୁହା ହାଟରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣରେ ଯୁବକ ଜଣକ ଗୁରୁତର ହୋଇଛନ୍ତି। ତାଙ୍କୁ ଧର୍ମଶାଳା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେ ହେଲେ କୁଆଖିଆ ଥାନା ନଠୁଆବର ଗ୍ରାମର ମାଧବ ସାମଲ(୨୬)। ମାଧବ ଏହି ଥାନା ପାଖର ଗ୍ରାମସ୍ଥିତ ନିଜ ଭଉଣୀ ଘରେ ରହି ଟ୍ରାକ୍ଟର ଚଳାଉଥିଲେ। ସେ ଆରୁହା ହାଟକୁ ଯାଇଥିବା ବେଳେ କୌଣସି କାରଣକୁ ନେଇ ସେଠାରେ ଲୋକେ ତାଙ୍କୁ ଆକ୍ରମଣ କରିଥିଲେ। ତେବେ ମାଧବଙ୍କୁ ସ୍ଥାନୀୟ ଅଞ୍ଚଳର କେତେଜଣ ଲୋକ ଆକ୍ରମଣ କରିଥିବା ତାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା (ନଂ.୪୬।୨୧) ରୁଜୁ କରି ତଦନ୍ତ ଚଳାଇଛି।

### ରାମମନ୍ଦିର ନିର୍ମାଣ ପାଇଁ ନିଧି ସଂଗ୍ରହ

**ରସୁଲପୁର,୨୮।୧(ଡି.ଏନ୍.ଏ.):** ରସୁଲପୁର ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଅଯୋଧାରେ ରାମ ମନ୍ଦିର ନିର୍ମାଣ ସକାଶେ ନିଧି ସଂଗ୍ରହ କରାଯାଇଛି। ରସୁଲପୁର ପ୍ରଖଣ୍ଡର ସହାୟତା ମୁଖ୍ୟ ଲକ୍ଷ୍ମୀଧର ପତିଙ୍କ ନେତୃତ୍ୱରେ ରାମଭକ୍ତ ଅମ୍ୟ ସାହୁ, ଅଶୋକ ଦାସ, ରବୀନ୍ଦ୍ର ଭୋଇ, ନାରାୟଣ କର, ସୁରେନ୍ଦ୍ର ସର, ଭରତ ସେନାପତି, ଲକ୍ଷ୍ମଣ ଭୋଇ ପ୍ରମୁଖ ଗାଁ ଗାଁ ବୁଲି ନିଧି ସଂଗ୍ରହ କରିଥିଲେ। ନିଧି ସଂଗ୍ରହ ରଥକୁ ଭବ୍ୟ ସ୍ୱାଗତ କରାଯିବା ସହ ହରିବୋଲ ହୁଳହୁଳିରେ ଗାଁ ଦାଣ୍ଡ ଫାଟି ପଡୁଥିଲା। ଦୀର୍ଘଦିନର ଅପେକ୍ଷା ପରେ ରାମମନ୍ଦିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାରୁ ରାମଭକ୍ତଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା।

# ଡଙ୍କାରୀରୁ ପୁଣି କଳାପଥର ଚୋରି

- ଚିଠି ଲେଖି ବସିଛନ୍ତି ତହସିଲଦାର
- ୩ ଜଣ ଚଳାଉଛନ୍ତି ଲୁଟ କାରବାର
- ନ୍ୟାୟ ଅପେକ୍ଷାରେ ଆବେଦନକାରୀ

**ଯାଜପୁର ଅଫିସ,୨୮।୧**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡରୁ ପୁଣି ବେଆଇନ କଳାପଥର ଚୋରି ହେଉଛି। ଏହି ମର୍ମରେ ଡଙ୍କାରୀ ରାଜସ୍ୱ ନୀରିକ୍ଷକଙ୍କ ତଦନ୍ତ ରିପୋର୍ଟ ଆଧାରରେ ଧର୍ମଶାଳା ତହସିଲଦାର ୨୧।୧୨।୨୦ରେ ୩ ଜଣଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜେନାପୁର ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ନିର୍ଦ୍ଦେଶର ୧ ମାସରୁ ଊର୍ଦ୍ଧ୍ୱ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ ସରକାରୀ ଭାବେ ଚିହ୍ନଟ ଲୁଟକାରୀଙ୍କ ବିରୋଧରେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଧର୍ମଶାଳା ତହସିଲଦାର ମଧ୍ୟ କେବଳ ଚିଠି ଲେଖି ପଦକ୍ଷେପ ସୀମିତ ରଖିଛନ୍ତି। ଏଥିରୁ ତହସିଲ, ପରିବହନ ଓ ପୋଲିସର ସହଯୋଗରେ ମୂଲ୍ୟବାନ କଳାପଥର ଲୁଟ ହେଉଥିବା ଚର୍ଚ୍ଚା ହେଉଛି। ପୂର୍ବଭଳି ପୁଣି କୌଣସି ଚାପରେ ଏହି ମାମଲାକୁ ଚାପି ଦେବାକୁ ଉଦ୍ୟମ ହେଉଥିବା ଅଭିଯୋଗ ହୋଇଛି।

ଡଙ୍କାରୀରୁ କଳାପଥର ଚୋରି ଘଟଣା ବହୁ ପୁରୁଣା। ୨୦୦୨ରୁ ୨୦୧୫ ପର୍ଯ୍ୟନ୍ତ ପରିବେଶଗତ ମଞ୍ଜୁରୀ ନ ଥାଇ ବିପୁଳ କଳାପଥର ଲୁଟ ହୋଇଥିବା ଅଭିଯୋଗ ହୋଇଥିଲା। ଏଥିପାଇଁ ଲୁଟକାରୀଙ୍କ ବିରୋଧରେ ୫୮ କୋଟି ୬୨ ଲକ୍ଷ ୭୯ ହଜାର ୬୩୩ ଟଙ୍କା ଅତିରିକ୍ତ ରାଜସ୍ୱ ଜମା କରିବାକୁ ଧର୍ମଶାଳା ତହସିଲଦାରଙ୍କ ପକ୍ଷରୁ ଡିମାଣ୍ଡ ନୋଟିସ ହୋଇଥିଲା। ଯାଜପୁର ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ତହସିଲଦାର ପତ୍ରସଂଖ୍ୟା ୧୮୭୮/୨୮।୪।୨୦୧୬ରେ ସାରୋଇ ଗ୍ରାମର ଲିଜଧାରୀ ଶ୍ରୀବାସ ଜେନାଙ୍କୁ ଉପରୋକ୍ତ ଅତିରିକ୍ତ ରାଜସ୍ୱ ଜମା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଧର୍ମଶାଳା ତହସିଲ ଓ ଖଣି ବିଭାଗ ଅଧିକାରୀଙ୍କୁ ନେଇ ଏକ ସ୍ୱତନ୍ତ୍ର ଦଳ ଗଠନ କରାଯାଇ ଯୁଗ୍ମ ତଦନ୍ତ ସହାୟତାରେ ପ୍ରକୃତ ରାଜସ୍ୱହାନୀ ସହ ଅନ୍ୟାନ୍ୟ ସରକାରୀ କ୍ଷତିର ଆକଳନ କରିବାକୁ ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକଙ୍କୁ ଜିଲାପାଳ ସତ୍ୟ କୁମାର ମଲ୍ଲିକ ତାଙ୍କ ପତ୍ରସଂଖ୍ୟା ୫୫୪୭/୩।୧୨।୨୦୧୫ରେ ନିର୍ଦ୍ଦେଶ ଦେଇଥିଲେ। ଖଣି ବିଭାଗ ପକ୍ଷରୁ ତତ୍କାଳୀନ ମାଇନିଂ ଅଫିସର ଅସିତ କୁମାର ବେହେରାଙ୍କ ନେତୃତ୍ୱରେ ବୈଷୟିକ କର୍ମଚାରୀଙ୍କୁ ନେଇ ୨୦୧୬ ଜାନୁୟାରୀ ଦ୍ୱିତୀୟ ସପ୍ତାହରେ ଡଙ୍କାରୀ ପାହାଡର ଉତ୍ତୋଳିତ ଖାଦାନର ମାପଚୁପ୍ କରାଯାଇଥିଲା। ଖଣି ବିଭାଗର ପତ୍ରସଂଖ୍ୟା ୫୧୪/୧୫।୩।୨୦୧୬ରେ ମାପଚୁପ୍‌ର ସବିଶେଷ ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ରିପୋର୍ଟରେ ୭୩,୩୮,୦୧୨.୫୦ କ୍ୟୁବିକ ମିଟର ଖନନ ହୋଇଥିବା ଦର୍ଶାଯାଇଥିଲା। ୨୦୦୨ରୁ ନଭେମ୍ବର ୨୦୧୫ ସୁଦ୍ଧା ଲିଜ୍‌ଧାରୀ ଜେନା ଡଙ୍କାରୀରୁ କଳାପଥର ଉତ୍ତୋଳନ କରୁଥିଲେ। ଏହି ସମୟ ମଧ୍ୟରେ ୧୪,୧୫,୯୯୬ କ୍ୟୁବିକ ମିଟର କଳାପଥର ଉତ୍ତୋଳନ ଉପରେ ମାତ୍ର ୬ କୋଟି ୬୪ ଲକ୍ଷ ୮୯ ହଜାର ୯୦୮ ଟଙ୍କା ରାଜସ୍ୱ ବାବଦକୁ ସେ ଜମା କରିଥିଲେ। ବାକି ୫୯,୨୨,୦୧୬.୫ କ୍ୟୁବିକ ମିଟର ଖନନ ଉପରେ ରାଜସ୍ୱ ଫାଙ୍କି ହୋଇଥିଲା। ଏଭଳି ଭାବେ କ୍ୟୁବିକମିଟର ପିଛା ୯୯ ଟଙ୍କା ହିସାବରେ ୫୮ କୋଟି ୬୨ ଲକ୍ଷ ୭୯ ହଜାର ୬୩୩ ଟଙ୍କା ୫୦ ପଇସା ରାଜସ୍ୱହାନୀ ହୋଇଥିବା ଖଣି ବିଭାଗ ପକ୍ଷରୁ ଆକଳନ ହୋଇଥିଲା। ଏବେ ଏହି ମାମଲା ଧର୍ମଶାଳା ତହସିଲ କୋର୍ଟରେ ବିଚାରାଧୀନ ରହିଛି। ଏହି ସମୟରେ ମଧ୍ୟରେ ଧର୍ମଶାଳା ତହସିଲରେ ୧୭ ଜଣ ତହସିଲଦାର ଅବସ୍ଥାପିତ ହୋଇଥିଲେ। କିନ୍ତୁ ସେହି ଅଧିକାରୀମାନେ ଜାଣିଶୁଣି ଆଖିବୁଜି ଦେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ଏହି ବେଆଇନ କାର୍ଯ୍ୟକୁ ସହଯୋଗ କରିଥିବା ଡଙ୍କାରୀ ସର୍କଲର ୧୦ ରାଜସ୍ୱ ନୀରିକ୍ଷକଙ୍କ ସମେତ ଧର୍ମଶାଳା ତହସିଲର ୧୦ ତହସିଲଦାର ଓ ୬ ଯାଜପୁର ଉପଜିଲାପାଳଙ୍କ ନାମରେ ଗତ ୨୩।୮।୨୦୧୬ରେ ଓଡିଶା ସିଭିଲ ସର୍ଭିସ ଧାରା-୧୫ ଅନୁଯାୟୀ ତଦନ୍ତ କରିବାକୁ ତତ୍କାଳୀନ ଜିଲାପାଳ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ବିଜ୍ଞପ୍ତି ପ୍ରକାଶ କରିଥିଲେ। ହେଲେ ତାହା ବି ଦବି ଯାଇଛି। କୌଣସି ନ୍ୟାୟ ନ ମିଳିବାରୁ ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ସର୍ବେଶ୍ୱର ବେହୁରା ନ୍ୟାଶନାଲ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲେ। ଏନେଇ ଗତ ୪।୧।୨୦୧୯ରେ ଏନଜିଟିରେ ୬୦୪/୨୦୧୮ ନମ୍ବରରେ ହୋଇଥିବା ମାମଲାର ଶୁଣାଣି କରି କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ସିପିସିବି) ପାଖରେ ମଧ୍ୟବର୍ତ୍ତୀକାଳୀନ କ୍ଷତିପୂରଣ ବାବଦକୁ ୧ ମାସରେ ୨୫ କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ମାମଲା ବି ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି।


ଡଙ୍କାରୀ ପାହାଡ଼

ଗତ କିଛି ମାସ ହେବ ଡଙ୍କାରୀ ପାହାଡରୁ ପୁଣି କଳାପଥର ଚୋରି ଚାଲିଥିବା ଡଙ୍କାରୀ ରାଜସ୍ୱ ନୀରିକ୍ଷକ ମନୋଜ ସାମଲଙ୍କ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ତଦନ୍ତ ରିପୋର୍ଟରେ ଡଙ୍କାରୀ ଗ୍ରାମର ରବି ଦାସ, ଚଢେଇଧରା ଗ୍ରାମର କୁନା ପୃଷ୍ଟି ଓ ଢେଙ୍କାନାଳ ଜିଲା ନାଜିଚୌକିଛକ ଗ୍ରାମର ସ୍ୱରୂପାନନ୍ଦ ଦାସ ବେଆଇନ ଭାବେ କଳାପଥର ଉତ୍ତୋଳନ କରି ପରିବହନ କରୁଥିବା ଦର୍ଶାଯାଇଛି। ପୂର୍ବଭଳି ଏହି ଚୋରି ମାମଲାର ମାପଚୁପ କଲେ ସରକାର ବିପୁଳ ପରିମାଣର ରାଜସ୍ୱ ହରାଉଥିବା ସ୍ପଷ୍ଟ ହେବ। ଏ ସଂକ୍ରାନ୍ତରେ ଧର୍ମଶାଳା ତହସିଲଦାର ପ୍ରଶାନ୍ତ ସାମନ୍ତରାୟଙ୍କୁ ପଚାରିବାରେ ସେ କହିଛନ୍ତି, କେତେ ଚିଠିପତ୍ର ଆଦାନପ୍ରଦାନ କରାଯାଉଛି ତାହା ମୋର ମନେ ନାହିଁ। ଏନେଇ ସେ କୌଣସି ଫଲୋଅପ୍ ମଧ୍ୟ କରିନାହାନ୍ତି। ଏବେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଡକାୟତି ଯୋଜନା ବେଳେ ୭ ଗିରଫ

**ପଟ୍ଟାମୁଣ୍ଡାଇ,୨୮।୧(ଡି.ଏନ.ଏ.)**

- ଛୁରି,କଟୁରୀ,ପିସ୍ତଲ ଜବତ

କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ସହର ନିକଟ ତଥା କଟକ-ଚାନ୍ଦବାଲି ରାସ୍ତାର ତନୁପୁର ବ୍ରିଜ୍ ନିକଟରୁ ବୁଧବାର ରାତିରେ ପୋଲିସ ୭ ଡକାୟତଙ୍କୁ ଗିରଫ କରିଛି । ସେମାନଙ୍କଠାରୁ କଟୁରି, ଛୁରି, ଭୁଜାଲି, ୯ ଏମ୍ଏମ୍ ପିସ୍ତଲ ଜବତ କରାଯାଇଛି। ଗିରଫ ଲୁଟେରା ହେଲେ ପଟ୍ଟାମୁଣ୍ଡାଇ ଥାନା ମୂଳବସନ୍ତ କେଳାସାହି ଗ୍ରାମର ମୁନା ଦାସ, ପୋଖରିଆପଡା ଗ୍ରାମର ଡାଙ୍ଗୁ ଓରଫ ପ୍ରଶାନ୍ତ ମଳିକ, ବେଲତଳ ଶୁଖୁଆପଡା ଗ୍ରାମର ବଳିଆ ଓରଫ ବିଶ୍ୱରଞ୍ଜନ ଦାସ, ପୋଖରିଆପଡା ଗ୍ରାମର ଭୋଳାନାଥ ବେହେରା, ପଟ୍ଟାମୁଣ୍ଡାଇ ବସ୍ତିର ସବିର ଖାନ,ସକବ ଅଲ୍ଲୀ ଖାନ ଏବଂ ଧର୍ମଶାଳା ଥାନା ନୀଳକଣ୍ଠପୁର ଗ୍ରାମର ନରେଶ ଦାସ। ଏ ନେଇ ଥାନାରେ ମାମଲା (ନଂ.୬୦।୨୧)ରୁଜୁ କରାଯାଇ ସମସ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ସମ୍ପୃକ୍ତ ଯୁବକ ସେଦିନ ରାତିରେ ଡକାୟତି ପାଇଁ ଯୋଜନା କରୁଥିଲେ। ଖବର ପାଇ ସବ୍‌ଇନ୍ସପେକ୍ଟର ବିଲମଙ୍ଗଳ ସେଠୀ ସଦଳବଳେ ଚଢ଼ାଉ କରିଥିଲେ। ଏହି ଯୁବକ ବିଭିନ୍ନ ଲୁଟ୍, ରାହାଜାନୀ, ଡକାୟତି ଓ ବାଇକ୍ ଚୋରି ଘଟଣାରେ ସମ୍ପୃକ୍ତ ଥିବା ପୋଲିସ କହିଛି। ଅଭିଯୁକ୍ତଙ୍କ ନାମରେ ବିଞ୍ଝାରପୁର, ପାରାଦୀପ, ଜଗତ୍‌ସିଂହପୁର, କେନ୍ଦ୍ରପଡା, ଆଳି ଥାନାରେ ଏକାଧିକ ମାମଲା ଥିବା ପୋଲିସ ତଦନ୍ତରୁ ଜଣାପଡିଛି।


ଗିରଫ ୭ ଅଭିଯୁକ୍ତଙ୍କୁ ପୋଲିସ ଉପସ୍ଥାପନ କରୁଛି।

## ସମସ୍ୟା ଜଣାଇଲେ ଅଙ୍ଗନୱାଡି କର୍ମୀ, ସହାୟିକା

**ବିଞ୍ଝାରପୁର,୨୮।୧(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅଧୀନ ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘର ସାଧାରଣ ବୈଠକ ସିଂହପୁରସ୍ଥିତ ଦରିଆ ନାହାକାଣୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ସଭାପତି ସୁଜାତା ଦାଶ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ଅଲ୍ ଓଡ଼ିଶା ଅଙ୍ଗନୱାଡି କର୍ମୀ ଓ ସହାୟିକା ସଂଘ ସଭାନେତ୍ରୀ ନନ୍ଦିନୀ ପଣ୍ଡା, ଜିଲା ସଭାନେତ୍ରୀ ପଦ୍ମିନୀ ତ୍ରିପାଠୀ, ସମ୍ପାଦିକା ଗୋପା ଦେଓ, ବ୍ଲକ ସମ୍ପାଦିକା ଶୁଭଶ୍ରୀ ପରିଡ଼ା, ବ୍ଲକ କୋଷାଧ୍ୟକ୍ଷା ପ୍ରଭାବତୀ ଲେଙ୍କା ପ୍ରମୁଖ ଯୋଗଦେଇ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ବିଭିନ୍ନ ସମସ୍ୟା ଉପସ୍ଥାନ କରିଥିଲେ। ଦାବିଗୁଡ଼ିକ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ବିଧାୟିକା ମଲ୍ଲିକ ଅବଗତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ରେହେନା ପରୱିନ, ମହେଶ୍ୱତା ରାଉତରାୟ, ପ୍ରିୟମ୍ବଦା ପଣ୍ଡା, ତିଳୋତ୍ତମା ଜେନା, ରଜନୀ ରଣା, ଶିନାରାଣୀ ନାୟକ, ମଧୁସ୍ମିତା ସାମଲ, ମହେଶ୍ୱତା ସାମଲ, ମଞ୍ଜୁଲତା ମଲ୍ଲିକ, ଜ୍ୟୋତିର୍ମୟୀ ତ୍ରିପାଠୀଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ବୈଠକରେ ବିଧାୟିକା ପ୍ରମିଳା ମଲ୍ଲିକଙ୍କ ସମେତ ଅନ୍ୟମାନେ।

## ୧୨ ପ୍ରକଳ୍ପ ଉଦ୍‌ଘାଟନ କଲେ ବିଧାୟିକା

**ବିଞ୍ଝାରପୁର, ୨୮।୧ (ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଛି। ଏଥିରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ବ୍ଲକ ପରିସରରେ ୧୨ଟି ପ୍ରକଳ୍ପ ଉଦ୍‌ଘାଟନ କରିଛନ୍ତି। ସେଗୁଡ଼ିକ ମଧ୍ୟରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି, ନୂତନ ସଭାଗୃହ, ନୂତନ ଦକ୍ଷତା ବିକାଶ ପ୍ରଶିକ୍ଷଣ କେନ୍ଦ୍ର, କର୍ମଚାରୀଙ୍କ ନୂତନ ଦ୍ୱିତଳ ବାସଗୃହ, ନୂତନ ବ୍ଲକ ସାଧନ କେନ୍ଦ୍ର, ପରିସଂଖ୍ୟାନ କାର୍ଯ୍ୟାଳୟର ନୂତନ ଗୃହ, କାର୍ଯ୍ୟାଳୟର ନୂତନ ଦ୍ୱିତଳ ଗୃହ, ମାସଡା ପଞ୍ଚାୟତର ପାଠାଗାର ଓ ସୂଚନା କେନ୍ଦ୍ର, ପଞ୍ଚାୟତ ସମିତିର ଅତିଥି ଭବନ, କାର୍ଯ୍ୟାଳୟର ନୂତନ ପାଚେରି ରହିଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ମଲ୍ଲିକଙ୍କ ସମେତ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ଉପାଧ୍ୟକ୍ଷା କୁମୁଦିନୀ ଦାସ, ବିଡିଓ ମିନତି ଜଗଦେବ, ଏବିଡିଓ ବୀରେନ୍ଦ୍ର ଦାସ ଓ ବିଜେଡିର ବରିଷ୍ଠ ନେତା ରାମଚନ୍ଦ୍ର ବେହେରା ଯୋଗଦେଇ ସାଧାରଣତନ୍ତ୍ର ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ବ୍ଲକର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କ ସମେତ ମୁରଲିଧର ବେହେରା, ଇଂ. ଲାଏକଅଲି ଖାନ୍, ମୁକ୍ତିକାନ୍ତ ସାମଲ, ସେକ୍ ଓସିଉଲ୍ଲା, ସରପଞ୍ଚ ସୁନିତା ନାୟକ, ମାଧବୀଲତା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ସଡ଼କ ଦୁର୍ଘଟଣାରେ ଯୁବକ ମୃତ

**ଏରସମା,୨୮।୧(ସ୍ୱ.ପ୍ର.)**

- ମୃତକଙ୍କ ନାଁରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି
- ଘଟଣାସ୍ଥଳରୁ ଦେଶୀ ବନ୍ଧୁକ ଜବତ

ଏରସମା ଥାନା ଅନ୍ତର୍ଗତ ଗୋଡା ପଞ୍ଚାୟତସ୍ଥିତ ଗଡେଶ୍ୱରପୁର ଗ୍ରାମ ନିକଟରେ ବୁଧବାର ବିଳମ୍ବିତ ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ନାରଦିଆ ପଞ୍ଚାୟତସ୍ଥିତ ଗୋବିନ୍ଦପୁର ଗ୍ରାମର ବିନୋଦ ବିହାରୀ ପଣ୍ଡା ଓରଫ ପପୁ (୨୮)। ଅନ୍ୟଜଣଙ୍କୁ ଗୁରତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ସେ ହେଲେ ଥାନା ଅନ୍ତର୍ଗତ ସୋମପୁର ପଞ୍ଚାୟତସ୍ଥିତ କାମପଡା ଗ୍ରାମର ବିକ୍ରମ ମହାନ୍ତି(୩୭)। ଖବରପାଇ ଥାନା ଆଇଆଇସି ପ୍ରଶାନ୍ତ କୁମାର ମାଝି ଓ ଏସ୍ଆଇ ଦୀନେଶ କୁମାର ପଟ୍ଟା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ଏକ ଦେଶୀ ବନ୍ଧୁକ ଜବତ କରିଛନ୍ତି। ମୃତକଙ୍କ ନାଁରେ ଜିଲା ଭିତରେ ଓ ବାହାରେ ବିଭିନ୍ନ ଥାନାରେ ଏକାଧିକ ମାମଲା ରହିଛି ବୋଲି ଏସଆଇ ପଟ୍ଟା କହିଛନ୍ତି। ପପୁ ଓ ବିକ୍ରମ ଏକ ବାଇକ୍‌ରେ ଗଡହରିଶପୁର ପଞ୍ଚାୟତ ରାସ୍ତାରେ ପଞ୍ଚପଲୀ ଗ୍ରାମକୁ ଯାଉଥିଲେ। ଏହି ସମୟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବାଲିକୁଦା ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ପପୁଙ୍କୁ ମୃତ ଘୋଷଣା କରିଛନ୍ତି। ଏରସମା ଥାନାରେ ଏନେଇ ମାମଲା (ନଂ.୨୨/୨୧) ରୁଜୁ ହୋଇଛି।

## ଭିସା ଷ୍ଟିଲରେ ସାଧାରଣତନ୍ତ୍ର ଦିବସ


କାରଖାନାର ସୁରକ୍ଷା କର୍ମୀଙ୍କୁ ଉଚ୍ଚ କର୍ତ୍ତୃପକ୍ଷ ସମ୍ବର୍ଦ୍ଧିତ କରୁଛନ୍ତି।

**କଳିଙ୍ଗନଗର,୨୮।୧(ଡି.ଏନ.ଏ.)**

କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସା ଷ୍ଟିଲ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। କାରଖାନାର ନିର୍ଦ୍ଦେଶକ ମନୋଜ କୁମାର ପତାକା ଉତ୍ତୋଳନ କରିବା ସହ ସୁରକ୍ଷା କର୍ମୀଙ୍କ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। କେବଳ ନିଜ ପାଇଁ ନ ବଞ୍ଚି ଅନ୍ୟ ପାଇଁ କିଛି କରିବା ହିଁ ଅସଲ ମଣିଷପଣିଆ ବୋଲି କୁମାର ଏହି ଅବସରରେ ନିଜ ବକ୍ତବ୍ୟରେ କହିଥିଲେ। କରୋନା ମହାମାରୀବେଳେ କାରଖାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଆୟୋଜିତ ଜନସେବା କାର୍ଯ୍ୟକ୍ରମରେ ଯେଉଁ କର୍ମଚାରୀ ସାମିଲ ହୋଇଥିଲେ ସେମାନଙ୍କ ମଧ୍ୟରୁ ୫ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। କାରଖାନାର ସୁରକ୍ଷା କର୍ମୀଙ୍କୁ ସେମାନଙ୍କ ସାହସିକତା ପାଇଁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା।


ସଡ଼କ ସୁରକ୍ଷା ସଚେତନତାରେ ସାମିଲ ହୋଇଥିବା ଯୁବକ ଓ ଥାନା ଅଧିକାରୀ।

## ସଡ଼କ ସୁରକ୍ଷା ସଚେତନତା

**ଜେନାପୁର,୨୮।୧(ଡି.ଏନ୍.ଏ.)**

୩୨ତମ ସଡ଼କ ସୁରକ୍ଷା ମାସ ପାଳନ ଉପଲକ୍ଷେ ଜେନାପୁର ଥାନା ପୋଲିସ ପକ୍ଷରୁ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କ ନେତୃତ୍ୱରେ ୫୦ରୁ ଊର୍ଦ୍ଧ୍ୱ ଯୁବପିଢି ଏଥିରେ ସାମିଲ ହୋଇଥିଲେ। ସାଇକେଲ ଶୋଭାଯାତ୍ରା ଥାନା ଅଞ୍ଚଳରେ ଥିବା ବିଭିନ୍ନ ପଞ୍ଚାୟତ ଓ ୫୩ ନମ୍ବର ଜାତୀୟ ରାଜପଥର ଛକମାନ ପରିକ୍ରମା କରିଥିଲା। ସାଇକେଲ ଆରୋହୀମାନେ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ଲାକାର୍ଡ ଧରି ପଥଚାରୀ ଓ ଗାଡି ମୋଟର ଚାଳକଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ଜାରି ରହିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସେହିପରି ସଚେତନ ନାଗରିକ ମଞ୍ଚ ଆବାହକ ସରୋଜକାନ୍ତ ବେହେରାଙ୍କ ନେତୃତ୍ୱରେ କବାଟ ବନ୍ଧଠାରେ ସଡ଼କ ସୁରକ୍ଷା ସଚେତନତା ମାସ ପାଳନ କରାଯାଇଛି।

## ଫାଇଲ ତଳେ ନୀଳମାଧବ ପୀଠକୁ ରୋପ୍‌ୱେ ବ୍ୟବସ୍ଥା

**ଖଣ୍ଡପଡା,୨୮।୧(ସ୍ୱ.ପ୍ର.)**



- ଦର୍ଶନରୁ ବଞ୍ଚିତ ହେଉଛନ୍ତି ବୟସ୍କ, ଭିନ୍ନକ୍ଷମ
- ୫୪ ପାହାଚ ଚଢ଼ି ମନ୍ଦିର ଯିବା କଷ୍ଟ

ନୟାଗଡ଼ ଜିଲା କଣ୍ଟିଲୋ ଶ୍ରୀନୀଳମାଧବଙ୍କ ପୀଠକୁ ପ୍ରତିଦିନ ଶତାଧିକ ପର୍ଯ୍ୟଟକ ଆସିଥାନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ବୟସାଧିକ୍ୟ ଓ ଭିନ୍ନକ୍ଷମ ଥିବାରୁ ପାହାଡ ଚଢ଼ି ମନ୍ଦିରକୁ ଯିବା କଷ୍ଟସାଧ୍ୟ ହୋଇଥାଏ । ଏଥିପାଇଁ ସେହି ପୀଠକୁ ଏକ ରୋପ୍‌ୱେ ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା । ପୂର୍ବତନ ବିଧାୟକ ଏ ସଂକ୍ରାନ୍ତରେ ଗୁରୁତ୍ୱାରୋପ କରିଥିଲେ । ବିଭାଗୀୟ ଅଧିକାରୀଙ୍କ ସହଯୋଗରେ ଏହି ପ୍ରକଳ୍ପ ପାଇଁ ସର୍ଭେ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ମାତ୍ର ପରବର୍ତ୍ତୀ ସମୟରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରି ନ ଥିଲା । ଆଜି ପର୍ଯ୍ୟନ୍ତ ସେହି ପ୍ରକଳ୍ପ ନିର୍ମାଣ ହୋଇପାରିନାହିଁ । ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଶ୍ରୀଜଗନ୍ନାଥ ସଂସ୍କୃତିର ଆଦିପୀଠ ଭାବେ କଣ୍ଟିଲୋର ଶ୍ରୀନୀଳମାଧବ ପୀଠ ପରିଚିତ । ଏହି ମନ୍ଦିର ମହାନଦୀକୂଳ ବ୍ରହ୍ମାଦ୍ରୀ ଓ ପଦ୍ମାଦ୍ରୀ ପାହାଡ଼ ଶୀର୍ଷରେ ଅବସ୍ଥିତ । ମନ୍ଦିର ଚତୁଃପାର୍ଶ୍ୱରେ ପୂର୍ବ(ସିଂହ)ଦ୍ୱାର, ପଶ୍ଚିମ(ବ୍ୟାଘ୍ର)ଦ୍ୱାର, ଉତ୍ତର(ହାତୀ)ଦ୍ୱାର ଓ ଦକ୍ଷିଣ(ଘୋଡ଼ା)ଦ୍ୱାର ରହିଛି । ପ୍ରତି ଦ୍ୱାରରେ ୫୪ଟି ଉଚ୍ଚ ପାହାଚ ଅଛି । ସେହି ପାହାଚ ଚଢ଼ି ମନ୍ଦିରକୁ ଯିବା ଜଣେ ସାଧାରଣ ପର୍ଯ୍ୟଟକ ପାଇଁ କଷ୍ଟସାଧ୍ୟ । ଏପରିସ୍ଥଳେ ଜଣେ ଅକ୍ଷମ ତଥା ବୟସ୍କ ଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ଦର୍ଶନ ପାଇଁ ପାହାଚ ଚଢ଼ି ମନ୍ଦିରକୁ ଯିବା ସମ୍ଭବ ହୋଇ ନ ଥାଏ। ଏପରି ସମସ୍ୟାର ସମାଧାନ ପାଇଁ ବହୁ ଦିନରୁ ଦାବି ହୋଇଥିଲା । ୨୦୧୪ ନଭେମ୍ବର ୧୩ରେ ତତ୍କାଳୀନ ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ ଓ ରାଜ୍ୟ ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଇଂ. ଜାନକୀ ବଲ୍ଲଭ ମହାପାତ୍ର ନୀଳମାଧବ ଜୀଉଙ୍କ ଦର୍ଶନ ପାଇଁ ଆସିଥିଲେ । ପାହାଡ ଚଢି ଠାକୁରଙ୍କୁ ଦର୍ଶନ କରିବା ଯାତ୍ରୀମାନଙ୍କ ପାଇଁ କିପରି ସମସ୍ୟା ସୃଷ୍ଟି କରୁଛି ସେ ସମ୍ପର୍କରେ ସେ ଅବଗତ ହେବା ପରେ ଉତ୍ତର ପ୍ରଦେଶର ବିଭିନ୍ନ ସ୍ଥାନରେ ରହିଥିବା ପର୍ଯ୍ୟଟନସ୍ଥଳକୁ ଯେପରି ରୋପ୍ ୱେ ଦ୍ୱାରା ପର୍ଯ୍ୟଟକମାନେ ଯାଇଥାନ୍ତି, ସେପରି ପ୍ରକଳ୍ପ କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ । ୨୦୧୬ ମାର୍ଚ୍ଚ ୧ରେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀଙ୍କ ପରାମର୍ଶ କ୍ରମେ ଲିଙ୍ଗରାଜ ଆସୋସିଏଟ ହୀରାକୁଦ ରୋପୱେର କନସଲଟାଣ୍ଟ ସର୍ଭେ ଆରମ୍ଭ କରିଥିଲା । ମନ୍ଦିର ପଶ୍ଚିମ ପାର୍ଶ୍ୱ ପାଦ ଦେଶରୁ ପାହାଡର ଶୀର୍ଷକୁ ପ୍ରାୟ ୧୭୫ ମିଟର ରୋପୱେ ଯୋଜନା କାର୍ଯ୍ୟକାରୀ ସମ୍ପର୍କରେ ଅନୁକୂଳ ମତ ପୋଷଣ କରିଥିଲେ । ପ୍ରାଥମିକ ସର୍ଭେ ଅନୁଯାୟୀ ଏହି ପ୍ରକଳ୍ପ ପାଇଁ ପ୍ରାୟ ସାଢେ ୩ରୁ ୪ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଜଣା ପଡିଥିଲା । ଏହି ସର୍ଭେ ରିପୋର୍ଟକୁ ନୟାଗଡ ଜିଲାପାଳଙ୍କୁ ପ୍ରଦାନ କରାଯିବା ସହ ପରବର୍ତ୍ତୀ ପର୍ଯ୍ୟାୟରେ ଆର୍ଥିକ ଅନୁଦାନ ପାଇଁ ଏହାର ଡିପିଆର ଓ ଡ୍ରଇଂ ଡିଜାଇନ ପର୍ଯ୍ୟଟନ ବିଭାଗରୁ ରାଜ୍ୟ ସରକାରଙ୍କ ପାଖକୁ ପଠାଯିବ । ଅନୁଦାନ ମଞ୍ଜୁର ପରେ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହେବ ବୋଲି ସୂଚନା ମିଳିଥିଲା। ମାତ୍ର ପରବର୍ତ୍ତୀ ସମୟରେ ସେହି ପ୍ରକଳ୍ପ ସମ୍ପର୍କରେ କୌଣସି ଆଖିଦୃଶିଆ କାର୍ଯ୍ୟକ୍ରମ ନହେବାରୁ ସାଧାରଣରେ ସ୍ୱପ୍ନରେ ରହିଯାଇଛି ।

ଏ ସମ୍ପର୍କରେ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ନୀଳମାଧବ ମନ୍ଦିର ତଥା ପୀଠ ପାଇଁ ସ୍ୱତନ୍ତ୍ର ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏଥିପାଇଁ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ।

